# ତ୍ୟାଗୀ ନୃସିଂହ ଗୁରୁ

ଅଧ୍ୟାପକ ଦୁର୍ଗାପ୍ରସାଦ ନାୟକ

୧୯୩୩ ମସିହାରେ ପ୍ରାଥମିକ ଶିକ୍ଷା ଶେଷ କରି ସମ୍ବଲପୁରକୁ ଆସି ପଟ୍ଟନାୟକ ପଡ଼ା ସ୍କୁଲରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲି । ସେତେବେଳେ ସମ୍ବଲପୁର ସହର ଅତି ଛୋଟ ଥିଲା । ରାସ୍ତାରେ ଯା ଆସ କଲା ସମୟରେ ବେଳେ ବେଳେ ଦେଖେ ଜଣେ ବାଙ୍ଗରା ବ୍ୟକ୍ତିଙ୍କୁ ପରିଧାନରେ ଆଣ୍ଠୁ ଲୁଚା ଖଣ୍ଡିଏ ଖଦଡ଼ ଧୋତି, କାନ୍ଧରେ ଖଣ୍ଡିଏ ଖଦଡ଼ ଗାମୁଛା । ଶୀତ ଦିନେ ଖଣ୍ଡିଏ କାଣ୍ଠିଆ ଚାଦର । ଗୋଡ଼ରେ ଯୋତା ବା ଚପ୍ପଲ ନାହିଁ । ଖରାଦିନେ ଓ ବର୍ଷାଦିନେ ବ୍ୟବହାର କରନ୍ତି ଖଣ୍ଡିଏ ତାଲେଇ ଛତା । କାନ୍ଧରେ ଗୋଟିଏ ଖଦଡ଼ ମୁଣି । ଏପରି ଜଣେ ମଣିଷକୁ ସହରର ରାସ୍ତାରେ ଦେଖି ମୁଁ ଯୁଗପତ ବିସ୍ମିତ ହୁଏ । ମନରେ ସ୍ୱାଭାବିକ ଭାବେ କୌତୂହଳ ଜାଗ୍ରତ ହୁଏ ଜାଣିବା ପାଇଁ କିଏ ଏହି ଅସାଧାରଣ ମଣିଷ ? ମୋର କୌତୂହଳ ଓ ବିସ୍ମୟ ଆହୁରି ବୃଦ୍ଧି ପାଏ ଯେତେବେଳେ ମୁଁ ଦେଖେ ସହରର ବହୁତ ଗଣ୍ୟମାନ ବ୍ୟକ୍ତି ଏହି ମହାଶୟଙ୍କ ସହିତ ଶ୍ରଦ୍ଧା ଓ ସମ୍ମାନର ସଦୃଶ କଥାବାର୍ତ୍ତା କରନ୍ତି । ପ୍ରବଳ ଇଚ୍ଛାହୁଏ ଏ ମହାଶୟଙ୍କୁ ଜାଣିବା ପାଇଁ । ଶୁଣିଲି ସେ ଜଣେ କଂଗ୍ରେସ କର୍ମୀ । ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଉତ୍ସର୍ଗ କରିଛନ୍ତି ନିଜର ଜୀବନକୁ । ସେତେବେଳେ କଂଗ୍ରେସ, ସ୍ୱାଧିନତା ସଂଗ୍ରାମ ଓ ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧରେ ମୋର ବିଶେଷ ଧାରଣା ନଥିଲା ।

ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୁଁ ଯେତେବେଳେ ସ୍ୱାଧୀନତା ସଂଗ୍ରାମ, କଂଗ୍ରେସ ଓ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଅଧିକରୁ ଅଧିକ ଜାଣିଛି । ଏହି ବାଙ୍ଗରା ମଣିଷର ତ୍ୟାଗ, ସାଧନା ଓ ନିଷ୍ଠା ଦେଖି ତାଙ୍କ ପ୍ରତି କେବଳ ଆକୃଷ୍ଟ ହେଲି । ତାନୁହେଁ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ମଧ ବଢ଼ିଗଲା ।

୧୯୨୧ ମସିହାରେ ଆସେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଡାକରା । ଏ ଡାକରା ସମଗ୍ର ଦେଶରେ ଗଭୀର ଉଦ୍‌ବେଳନ ସୃଷ୍ଟି କରିଥିଲା । ଦେଶର ଅଗଣିତ ସାଧାରଣ ମଣିଷ କିଛି ସ୍ୱାର୍ଥର ପ୍ରତ୍ୟାଶା ନ ରଖି ଝାସ ଦେଇଥିଲେ ଅସହଯୋଗ ଆନ୍ଦୋଳନରେ। ସେତେବେଳେ ଅଭୁତପୂର୍ବ ଉଦ୍‌ବେଳନ ଦେଖାଦେଇଥିଲା ଅତି କ୍ଷୁଦ୍ର ସମ୍ବଲପୁର ସହରରେ । ସେତେବେଳେ ନୃସିଂହ ଗୁରୁ ଥିଲେ ସମ୍ବଲପୁର ଜିଲ୍ଲାର ଏକମାତ୍ର ହାଇସ୍କୁଲ ସମ୍ବଲପୁର ଜିଲ୍ଲା ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ର । ସମ୍ବଲପୁର ଜିଲ୍ଲା ସ୍କୁଲର ସମସ୍ତ ଛାତ୍ର ୧୯୨୧ ମସିହା ଜାନୁୟାରୀ ଦୁଇ ତାରିଖ ଦିନ ସ୍କୁଲ ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ସମ୍ବଲପୁରରେ ପ୍ରତିଷ୍ଠା ହେଲା ଜାତୀୟ ସ୍କୁଲ ଫ୍ରେଜର କ୍ଲବରେ । ପଣ୍ଡିତ ନୀଳକଣ୍ଠ ଦାଶ ଥିଲେ ତାର ପ୍ରଧାନ ଶିକ୍ଷକ । ଚନ୍ଦ୍ରଶେଖର ବେହେରା ଥିଲେ ତାର ପ୍ରଧାନ ପୃଷ୍ଠପୋଷକ । ଧିରେ ଧିରେ ଆନ୍ଦୋଳନ ମଉଳି ଗଲା । ଛାତ୍ରମାନେ ପୁଣି ଫେରିଗଲେ ଜିଲ୍ଲା ସ୍କୁଲକୁ । ଯେଉଁ କେତେ ଜଣ ଛାତ୍ର ନିଜର ନିଷ୍ପତ୍ତିରେ ଅଟଳ ରହି ସରକାରୀ ସ୍କୁଲକୁ ପ୍ରତ୍ୟାବର୍ତ୍ତନ କଲେ ନାହିଁ ସେମାନଙ୍କ ଭିତରେ ନୃସିଂହ ଗୁରୁ ହେଉଛନ୍ତି ଅନ୍ୟତମ । ସେ ନିଜର ଜୀବନକୁ ଉତ୍ସର୍ଗ କରିଦେଲେ ଦେଶ ଓ ଦଶର ସେବାରେ । ତାଙ୍କର ନିଷ୍ଠାପର କାର୍ଯ୍ୟର କାହାଣୀ ଶୁଣିଲେ ଅନେକ ସମୟରେ ତାହା ଅବିଶ୍ୱାସ ଯୋଗ୍ୟ ମନେ ହେଉଥିଲେ ସୁଦ୍ଧା ତାହା ସତ । ଏକଦା କଂଗ୍ରେସ କର୍ମୀମାନଙ୍କ ଉଦ୍ୟମରେ ସମଗ୍ର ଜିଲ୍ଲାରୁ ମଦଭାଟି ମଦଦୋକାନ, ଗଞ୍ଜାଇ ଓ ଅଫିମ ଦୋକାନ ଉଠିଯାଇଥିଲା ଏବଂ ଜିଲ୍ଲାର ଅବକାରୀ ରାଜସ୍ୱ ଶୂନ୍ୟରେ ପରିଣତ ହେବାରୁ ତତ୍‌କାଳୀନ ଗୋରା କଲେକ୍ଟରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଏହି ନିଶାନିବାରଣ ଆନ୍ଦୋଳନର ରୋମାଞ୍ଚକର କାହାଣୀ ମୁଁ ବହୁବାର ଶୁଣିଛି ନୃସିଂହ ଗୁରୁ ଦୟାନନ୍ଦ ଶତପଥୀଙ୍କ ଠାରୁ । ଆଜି ତାହା ଏକ ପରୀରାଇଜର କାହାଣୀ ପରି ମନେ ହୁଏ ।

ନୃସିଂହ ଗୁରୁ ହେଉଛନ୍ତି "ସମାଜ" ର ପ୍ରଥମ ଜିଲ୍ଲା ସମ୍ବାଦଦାତା । ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି "ସମାଜ" । ଯେଉଁଠି କୌଣସି ସଭା ସମିତି ହୁଏ ସେଠାରେ ଉପସ୍ଥିତ ହୁଅନ୍ତି ନୃସିଂହ ଗୁରୁ ତାଙ୍କର ପାରମ୍ପାରିକ ପୋଷାକରେ । ମୁଣି ଭିତରେ ଥାଏ ଦୁଆତ, କଲମ ଓ କାଗଜ । ସମ୍ବାଦଦାତା ହିସାବରେ ଥିଲେ ସେ ନିର୍ଭୀକ ଓ ନିରପେକ୍ଷ ।

ଏଥିପାଇଁ ତାଙ୍କୁ ବହୁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ଗୋଷ୍ଠୀର ଶରବ୍ୟ ହେବାକୁ ପଡ଼ିଛି । ଲାଞ୍ଛନା ସହିବାକୁ ପଡ଼ିଛି । ସେଥିପାଇଁ ସେ ଭ୍ରୂକ୍ଷେପ କରି ନାହାନ୍ତି । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଥିଲେ ଜଣେ ନିଷ୍ଠାପର, ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକ ।

କଂଗ୍ରେସ ଆନ୍ଦୋଳନର ଅନ୍ୟ ଏକ କାର୍ଯ୍ୟକ୍ରମ ଥିଲା ଅସ୍ପୃଶ୍ୟତା ନିବାରଣ ଓ ହରିଜନ କଲ୍ୟାଣ । ଏହି କାର୍ଯ୍ୟକ୍ରମର ଦାୟିତ୍ୱରେ ଥିଲେ ନୃସିଂହ ଗୁରୁ । ଚେରୁଆ ପଡ଼ାରେ ପ୍ରତିଷ୍ଠିତ ହୋଇଥିଲା ହରିଜନ ହଷ୍ଟେଲ । ଗୁରୁ ମହାଶୟଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସମ୍ବଲପୁର ଜିଲ୍ଲାରେ ହରିଜନ କାର୍ଯ୍ୟକ୍ରମ ଆଶାତୀତ ଭାବେ ସଫଳ ହୋଇଥିଲା । ଏହି କାର୍ଯ୍ୟର ଅନୁଧାନ ନିମନ୍ତେ ମହାତ୍ମା ଗାନ୍ଧୀ ଠକ୍କର ବାପାଙ୍କୁ ସମ୍ବଲପୁର ପଠାଇଥିଲେ ।

ଯେଉଁଠି ଦୁସ୍ଥ ମଣିଷର ଚିତ୍କାର ଉଠିଛି, ଯେଉଁଠି ମଣିଷ

ଯନ୍ତ୍ରଣା ଓ ଯାତନା ବୃଦ୍ଧି ପାଇଛି । ସେଇଠି ଏହି ସମ୍ବେଦନଶୀଳ ସ୍ପର୍ଶକାତର ମଣିଷ ପହଞ୍ଚିଛନ୍ତି ମଣିଷର ସେବା ପାଇଁ । ୧୯୮୨ ର ବନ୍ୟାରେ ସମ୍ବଲପୁର,ବଲାଙ୍ଗିର ଓ ଫୁଲବାଣୀ ଜିଲ୍ଲାର ବହୁ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଥିଲା । ପରିଣତ ବୟସରେ ମଧ୍ୟ ସେ ସମାଜ ରିଲିଫ ପାଣ୍ଠି ତରଫରୁ ଏ ସମସ୍ତ ଅଞ୍ଚଳ ଗସ୍ତ କରି ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ତ୍ରାଣ ଯୋଗାଇଛନ୍ତି । ଆଜି ମଧ୍ୟ ସେଇଠି ରିଲିଫ କହିଲେ ବୁଝାଏ ଗୁରୁ ମହାଶୟଙ୍କୁ ।

ଦେଶ ସ୍ୱାଧୀନ ହେଲା ପରେ ଗୁରୁ ମହାଶୟ ଚାହିଁଥିଲେ କ୍ଷମତା ରାଜନୀତି ଭିତରକୁ ପ୍ରବେଶ କରି ଥାଆନ୍ତେ । କିନ୍ତୁ ସେ କ୍ଷମତା ରାଜନୀତିରୁ ଦୂରେଇ ରହୁଥିଲେ । କ୍ଷମତା ରାଜନୀତିରେ ମାତି କଂଗ୍ରେସ କର୍ମୀ ଓ ନେତା ମାନଙ୍କ ଭିତରେ ଦୁର୍ନୀତିର ପ୍ରବେଶ ଯୋଗୁଁ ସେ ବ୍ୟଥିତ ହେଉଥିଲେ ଏବଂ ନିଜର ପ୍ରତିବାଦକୁ ଜାହିର କରିବା ସକାଶେ ସେ ଥରେ ନିର୍ଦ୍ଦଳୀୟ ପ୍ରାର୍ଥୀଭାବେ କଂଗ୍ରେସ ପ୍ରାର୍ଥୀ ବିରୁଦ୍ଧରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ ।

ଗୁରୁ ମହାଶୟ ଆମ ଗହଣରୁ ବିଦାୟ ନେଇ ସାରିଲେଣି ସେ ଯେପରି ସମାଜର ଗଠନ ପାଇଁ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇ ସେପରି ସମାଜ ଗଠିତ ହୋଇ ନାହିଁ । ଏବେ ମଧ୍ୟ ଦାରିଦ୍ର୍ୟ ରହିଛି । ନିପୀଡ଼ନ ରହିଛି । ଶୋଷଣ ରହିଛି । ତାଙ୍କର କଳ୍ପିତ ସ୍ୱରାଜ ବି ଏବେ କଳ୍ପନାରେ ରହିଛି । ଦୁସ୍ଥ ମଣିଷର ଆର୍ତ୍ତନାଦ କମିନାହିଁ । ମୁଁ ବେଳେ ବେଳେ ଭାବେ- ଏହି ଦୁସ୍ଥ ମଣିଷର ସେବା ପାଇ ପୁନର୍ବାର ଜନ୍ମ ଗ୍ରହଣ କରିବେ କି ନୃସିଂହ ଗୁରୁ ? ପୁଣି ଆରମ୍ଭ ହେବ କି ଏକ ନୂତନ ସ୍ୱାଧୀନତା ସଂଗ୍ରାମ ତାଙ୍କରି ନେତୃତ୍ୱରେ ?